## ଆଜି ଅନୁଗୋଳରୁ ୨୭ ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ପହଞ୍ଚିଲା ୨୨୮ ରେ ।

ଆଜି ଅନୁଗୋଳ ଜିଲ୍ଲାରୁ ଗୋଟିଏ ଦିନରେ ୨୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେମାନଂକ ମଧ୍ୟରେ ତାଳଚେର ବ୍ଲକ୍ ଅଂଚଳରୁ ସର୍ବାଧିକ ୧୫ ଜଣ,ବଅଁରପାଳ ବ୍ଲକ୍ ଅଂଚଳରୁ୮ ଜଣ ଓ କିଶୋରନଗର ବ୍ଲକ୍ ଅଂଚଳରୁ ୪ ଜଣ ଚିହ୍ନଟ ହୋଇଛନ୍ତି । ତାଳଚେର ବ୍ଲକ୍ ଅଂଚଳର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରୁ ୬ ଜଣ ପୁରୁଷ ଯାହାଂକର ବୟସ ୨୩,୨୪,୨୫,୨୮,୨୯ ଓ ୪୧ ବର୍ଷ ଥିବାବେଳେ ସେମାନଂକ ମଧ୍ୟରୁ ୨ ଜଣ ରାଜସ୍ଥାନରୁ ଜଣେ ଆନ୍ଧ୍ରପ୍ରଦେଶରୁ, ଜଣେ ତେଲେଙ୍ଗାନାରୁ , ଜଣେ ଚେନ୍ନାଇ ଓ ଜଣେ ଝାରଖଣ୍ଡରୁ ଫେରି ସଙ୍ଗରୋଧରେ ଥିଲେ ।

ତାଳଚେର ବ୍ଲକ୍ ଅନ୍ତର୍ଗତ ଏକ ଗ୍ରାମରୁ ୩ ଜଣ ପୁରୁଷ,୩ ଜଣ ମହିଳା ଓ ୨ ଜଣ ବାଳକ ପଜିଟିଭ ହୋଇଥିବାର ଜଣାପଡିଛି । ଏଥିମଧ୍ୟରୁ ଗୋଟିଏ ପରିବାରର ୫ ଜଣ, ଅନ୍ୟ ଏକ ପରିବାରର ୨ ଜଣ ଓ ଜଣେ ସେହି ଗ୍ରାମର ବାସିନ୍ଦା ଅଟନ୍ତି । ପ୍ରଥମ ୫ ଜଣ ପରିବାରର ସଦସ୍ୟଂକ ମଧ୍ୟରେ ଜଣେ ପୁରୁଷଂକ ବୟସ ୪୮ ବର୍ଷ ହୋଇଥିବାବେଳେ ମହିଳା ୨ ଜଣଂକ ବୟସ ୬୬ ଓ ୩୫ ଓ ବାଳକ ୨ ଜଣଂକ ବୟସ ୫ ଓ ୧୦ ବର୍ଷ ଅଟେ । ୨ୟ ପରିବାରର ସ୍ୱାମୀ ଓ ସ୍ତ୍ରୀଂକ ବୟସ ୫୩ ଓ ୫୨ ବର୍ଷ ହୋଇଥିବାବେଳେ ଆଉ ଜଣେ ସେହି ଗ୍ରାମର ବାସିନ୍ଦା ଯାହାଂକ ବୟସ ୪୦ ବର୍ଷ ଅଟେ । ଏମାନେ ସମସ୍ତେ ତାଂକ ଗ୍ରାମକୁ ଶ୍ରୀରାମଚନ୍ଦ୍ର ଭଂଜ ମେଡିକାଲ କଲେଜ, କଟକରୁ ଫେରିଥିବା ଜଣେ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସିଥିଲେ । ସେହିପରି ତାଳଚେର ବ୍ଲକ୍ ଅଂଚଳର ଜଣେ ୫୭ ବର୍ଷ ବୟସର ସରକାରୀ କର୍ମଚାରୀ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।

ବଅଁରପାଳ ବ୍ଲକ୍ ଅଂଚଳର ଏକ ଅସ୍ଥାୟୀ ମେଡିକାଲ ଶିବିରରୁ ପଜିଟିଭ ଚିହ୍ନଟ ହୋଇଥିବା ୫ ଜଣଂକ ମଧ୍ୟରେ ୨ ଜଣ ପୁରୁଷ ଯାହାଂକ ବୟସ ୨୫ ଓ ୩୦ ବର୍ଷ, ୨ ଜଣ ମହିଳାଂକ ବୟସ ୨୩ ଓ ୨୮ ବର୍ଷ ଓ ଜଣେ ଶିଶୁ କନ୍ୟାଂକ ବୟସ ୨ ବର୍ଷ ଅଟେ । ୨୫ ବର୍ଷିୟ ପୁରୁଷ ଆନ୍ଧ୍ରପ୍ରଦେଶରୁ ଫେରିଥିବାବେଳେ ୩୦ ବର୍ଷୀୟ ପୁରୁଷ ତାମିଲନାଡୁ,୨୩ ବର୍ଷୀୟା ମହିଳା ତାମିଲନାଡୁ ଓ ୨ ବର୍ଷୀୟ ଶିଶୁ କନ୍ୟା ମଧ୍ୟ ତାମିଲନାଡୁରୁ ଫେରିଛନ୍ତି । ତାମିଲନାଡୁରୁ ଫେରିଥିବା ଏହି ୩ ଜଣ ଗୋଟିଏ ପରିବାରର ଅଟନ୍ତି । ସେହିପରି ଏହି ବ୍ଲକର ଅନ୍ୟ ଏକ ଅସ୍ଥାୟୀ ମେଡିକାଲ ଶିବିରରୁ ଜଣେ ମହିଳା ଯାହାଂକ ବୟସ ୨୨ ବର୍ଷ ଓ ସେ ଆନ୍ଧ୍ରପ୍ରଦେଶରୁ ଫେରି ସଙ୍ଗରୋଧରେ ଥିଲେ । ଏହି ବଅଁରପାଳ ବ୍ଲକ୍ ଅଂଚଳର ଏକ ଗ୍ରାମର ୨ଜଣ ପୁରୁଷ ଯାହାଂକ ବୟସ ୫୦ ଓ ୩୨ ବର୍ଷ ଅଟେ ସେମାନେ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ପଜିଟିଭ ହୋଇଛନ୍ତି ।

କିଶୋରନଗର ବ୍ଲକ୍ ଅଂଚଳର ଏକ ଅସ୍ଥାୟୀ ମେଡିକାଲ ଶିବିରରୁ ୨ ଜଣ ପୁରୁଷ ଯାହାଂକ ବୟସ ଯଥାକ୍ରମେ ୨୯ ବର୍ଷ ଓ ସେ ଗୁଜୁରାଟରୁ ଫେରିଥିବା ବେଳେ ୩୦ ବର୍ଷ ବୟସ୍କ ପୁରୁଷ ଛତିଶଗଡରୁ ଫେରି ସଙ୍ଗରୋଧରେ ଥିଲେ । ସେହିପରି କିଶୋର ବ୍ଲକ୍ ଅଂଚଳର ଏକ ଗ୍ରାମରୁ ୨ ଜଣ ପୁରୁଷ ଯାହାଂକ ବୟସ ୬୦ ଓ ୨୮ ବର୍ଷ ଅଟେ ଏମାନେ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ପଜିଟିଭ ହୋଇଛନ୍ତି ।

ଏହି ୨୭ ଜଣ ଆକ୍ରାନ୍ତଂକୁ ମିଶାଇ ଜିଲ୍ଲାରେ ଆକ୍ରାନ୍ତଂକ ସଂଖ୍ୟା ୨୨୮ ରେ ପହଂଚିଲା । ସମସ୍ତ ଆକ୍ରାନ୍ତଂକୁ ତାଳଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଇତିମଧ୍ୟରେ ୧୦ ଜଣ ସୁସ୍ଥ ହୋଇ କୋଭିଡ କେୟାର ସେଣ୍ଟରକୁ ନିରୀକ୍ଷଣ ନିମନ୍ତେ ଯାଇଛନ୍ତି । ପୂର୍ବରୁ ସୁସ୍ଥ ହୋଇଥିବା ୧୨୪ କୁ ମିଶାଇ ସମୁଦାୟ ସୁସ୍ଥଂକ ସଂଖ୍ୟା ୧୩୪ ରେ ପହଂଚିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୭୮ ତା.୨୧.୭.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।